**CSM – 40/19**

**Indian Language & Literature in Odia**

**Paper – I**

*Time : 3 hours*

*Full Marks : 300*

*The figures in the right-hand margin indicate marks.*

*Candidates should attempt Q. No. 1 from Section – A and Q. No. 5 from Section – B which are compulsory and any **three** of the remaining questions, selecting at least **one** from each Section.*

## SECTION – A

1. ଯେକୌଣସି ତିନୋଟି ପ୍ରଶ୍ନର ବ୍ୟାଖ୍ୟା କର : 20×3 = 60

(କ) ସମ୍ପ୍ରତି ଓଡ଼ିଆ ଭାଷାରୁ ଇଂରାଜୀ ଶବ୍ଦକୁ ବାହାର କରାଯାଇ ପାରିବ କି ? ସ୍ୱୀୟ ବିଚାର କାରଣ ଓ ଉଦାହରଣ ସହ ପ୍ରକଟ କର ।

(ଖ) ଓଡ଼ିଆ ବାକ୍ୟ ଗଠନ ସମୟରେ କୃଦନ୍ତର ଭୂମିକା ସମ୍ପର୍କରେ ଉଦାହରଣ ସହ ଆଲୋଚନା କର ।

(ଗ) ଓଡ଼ିଆ ଭାଷାର ପରିଚୟ ତାର ବାକ୍ୟ ଗଠନ ରୀତିରୁ ହିଁ ମିଳିଥାଏ, ଶବ୍ଦରୁ ନୁହେଁ । ଉଦାହରଣ ଦେଇ ସ୍ପଷ୍ଟ କର ।

(ଘ) ବନାନଗତ ଅଶୁଦ୍ଧି କଣ ଭାଷାର ପ୍ରକୃତିକୁ ପରିବର୍ତ୍ତନ କରିଦେଇଥାଏ ? ନିଜସ୍ୱ ମତ ତର୍କ ସହ ପ୍ରଦାନ କର ।

2. ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶ ସମ୍ବନ୍ଧରେ ପ୍ରବନ୍ଧଟିଏ ଲେଖ । 60

3. ଭାବକୁ ଅର୍ଥାନ୍ୱିତ କରିବା ଦିଗରେ ଶବ୍ଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶବ୍ଦର ଅର୍ଥ ପରିବର୍ତ୍ତନ ସେଦିଗରୁ ଏକ ମହତ୍ୱପୂର୍ଣ୍ଣ ସ୍ୱଭାବ । ଆଲୋଚନା କର । 60

4. ସାମ୍ପ୍ରତିକ ସମୟରେ ଚତୁର୍ଦ୍ଦିଗରୁ ନୂତନ ପ୍ରକାରର ଶବ୍ଦସମୂହର ଆଗମନ ଓଡ଼ିଆ ସାହିତ୍ୟକୁ ଉନ୍ନତ ଓ ଆଧୁନିକ କରିଛି । ଉଦାହରଣ ସହ ଆଲୋଚନା କର । 60

## SECTION – B

5. ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦିଅ : 20×3 = 60

(କ) ରୀତି ଯୁଗ ପଶ୍ଚାତ୍‌ରେ ଥିବା ରାଜନୈତିକ, ସାମାଜିକ ଓ ସାଂସ୍କୃତିକ କାରଣ ଗୁଡ଼ିକର ବ୍ୟାଖ୍ୟା କର ।

(ଖ) ଚମ୍ପୂ ଶୈଳୀର ରଚନା ଓଡ଼ିଆ ସାହିତ୍ୟରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଥିଲା । ଆଲୋଚନା କର ।

(ଗ) ଚର୍ଯ୍ୟାଗୀତିକାକୁ ଓଡ଼ିଆ ସାହିତ୍ୟର ପ୍ରବେଶ ପଥ କୁହାଯାଇ ପାରିବ କି ? ନିଜସ୍ୱ ମତାମତ ପ୍ରଦାନ କର ।

(ଘ) ଓଡ଼ିଆ ପ୍ରବନ୍ଧ ସାହିତ୍ୟର କ୍ରମବିକାଶ ସମ୍ପର୍କରେ ସୂଚନା ପ୍ରଦାନ କର ।

6. 'ସାରଳା ମହାଭାରତ'କୁ ଓଡ଼ିଆ ଭାଷା ଓ ସାହିତ୍ୟର ଦୃଢ଼ ଭିତ୍ତିଭୂମି ଭାବରେ ଗ୍ରହଣ କରାଯାଇ ପାରିବ କି ? ସ୍ୱୀୟ ମତାମତ ଉଦାହରଣ ସହ ଉପସ୍ଥାପନ କର । 60

7. ଓଡ଼ିଆ ସାହିତ୍ୟ ଜଗତରେ ପଦାବଳୀ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ବନମାଳୀ, ଗୋପାଳକୃଷ୍ଣ ଓ ଶାଲବେଗଙ୍କ ପଦାବଳୀରେ କିଭଳି ଧର୍ମୀୟ ଭାବନା ରୂପାୟିତ ହୋଇଛି ? ଆଲୋଚନା କର । 60

8. ନବଜାଗରଣର ପ୍ରଭାବରୁ ଓଡ଼ିଆ ଗଦ୍ୟ ସାହିତ୍ୟରେ କିଭଳି ଆଧୁନିକତା ଆସିଛି ଏବଂ ବିଷୟବସ୍ତୁ, ଶୈଳୀ ଓ ଶବ୍ଦ ଚୟନରେ ପରିବର୍ତ୍ତନ ଆସିଛି, ଆଲୋଚନା କର । 60